## ସଂକ୍ଷେପରେ

### ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ଦେଲେ ଜିଲାପାଳ



ରାୟଗଡ଼ା ଅଫିସ, ୧୯।୭- ରାୟଗଡ଼ା ଜିଲାରେ ଆଇଡିଏସ୍ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ ଜିଲାପାଳ ସ୍ୱଧାଦେବ ସିଂ ଉତ୍ତର ପ୍ରଦେଶର ଏକ ଦମ୍ପତିଙ୍କୁ ଏକ ଶିଶୁ ପୁତ୍ରକୁ ପୋଷ୍ୟ ସନ୍ତାନ ରୂପେ ହସ୍ତାନ୍ତର କରିଛନ୍ତି । ଏହି ସମୟରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ରାଜକିଶୋର ସାହୁ, ଆଇଡିଏସ୍ ସ୍ୱେଚ୍ଛାସେବୀ ସଂସ୍ଥା ସମ୍ପାଦକ ଦେବେନ୍ଦ୍ର କୁମାର ବେହେରାଙ୍କ ସମେତ ଡାକ୍ତର ତିରୁପତି ପ୍ରସାଦ ପଟ୍ଟନାୟକ, ସଂସ୍ଥାର ପରିଚାଳକ ସୌମ୍ୟା ରଞ୍ଜନ ପଟ୍ଟନାୟକ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମୀ ଉପସ୍ଥିତ ଥିଲେ।

### ଧୋଡ୍ରା, ହାଟଭରଣ୍ଡିକୁ ବ୍ଲକ୍ ମାନ୍ୟତା ଦାବି

#### ବିଧାନସଭାରେ ଦାବିକଲେ ଉମରକୋଟ ବିଧାୟକ

ଉମରକୋଟ, ୧୯।୭(ସ୍ୱ.ପ୍ର.)- ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସୁଥିବା ରାଇଘର ବ୍ଲକକୁ ୨ ଭାଗ କରି ହାଟଭରଣ୍ଡିରେ ଏକ ନୂତନ ବ୍ଲକ ପାଇଁ ବିଧାନସଭାରେ ଦାବି କରିଛନ୍ତି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ। ସେହିପରି ଝରିଗାଁ ବ୍ଲକକୁ ୨ ଭାଗ କରି ଧୋଡ୍ରାରେ ଏକ ନୂତନ ବ୍ଲକ ପାଇଁ ମଧ ସେ ଦାବି କରିଛନ୍ତି। ଏହି ୨ ସ୍ଥାନରେ ଦୀର୍ଘ ଦିନ ହେଲା ବ୍ଲକ ସ୍ଥାପନ ପାଇଁ ଦାବି ହେଇ ଆସୁଛି। ହାଟଭରଣ୍ଡି ଅଞ୍ଚଳର ଲୋକେ ସରକାରୀ କାମରେ ୪୫ କିଲୋମିଟର ରାସ୍ତା ଆସିବାକୁ ପଡେ। ସେହିପରି ଧୋଡ୍ରା ଅଞ୍ଚଳର ଲୋକେ କୌଣସି କାମରେ ଝରିଗାଁ ଯିବାକୁ ହେଲେ ୩୦ କିଲୋମିଟର ରାସ୍ତା ଯିବାକୁ ପଡେ। ଉମରକୋଟ ବିଧାୟକଙ୍କ ପ୍ରଶ୍ନରେ ପଞ୍ଚାୟତରାଜ ମନ୍ତ୍ରୀ କହିଲେ ନୂତନ ଜନ ଗଣନା ପରେ ବ୍ଲକ୍ ପୁନର୍ଗଠନ କାର୍ଯ୍ୟ ଆରମ୍ଭ ହେଲେ ଏହାକୁ ସରକାର ବିଚାରକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### କେବିସି ନାମରେ ଲୋକଙ୍କୁ ଆସୁଛି ଲଟେରି ଟିକେଟ, ମେସେଜ୍




ଚନ୍ଦାହାଣ୍ଡି,୧୯।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ କେବିସି ବିଜେତା ନାମରେ ମହାଠକେଇ ହେଉ ଥିବା ଅଭିଯୋଗ ହୋଇଛି। ଠକ ଦଳ ନିଜକୁ ମୁମ୍ବାଇର କହୁଥିବା ସହ ଲୋକମାନଙ୍କୁ ହ୍ୱାଟ୍ସଅପ ମେସେଜ ଏବଂ ଭଏସ କଲ ରେକଡିଂ ପଠାଇ ଟଙ୍କା ଲୁଟୁଥିବା ଅଭିଯୋଗ ହୋଇଛି । ବ୍ଲକର ଅନେକ ଲୋକ ଏହି ଫାଶରେ ପଡି ସର୍ବନାଶ ହୋଇ ଲୋକଲଜ୍ୟା ପାଇଁ କିଛି କହିପାରୁନଥିବା ବେଳେ, ଅନେକ ଲୋକ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ଲୋକଙ୍କୁ ତାଙ୍କ ହ୍ୱାଟ୍ସଅପ ନମ୍ବରରେ କେବିସି ବିଜେତା ହୋଇଥିବା କହି ଲଟେରୀ ଟିକଟର ଫଟୋ ଏବଂ ଭଏସ ରେକଡ଼ିଂ ପଠାଯାଉଛି। ବ୍ୟାଙ୍କ ଆକାଉଣ୍ଟରେ ୨୫ ହଜାର ପଠାଇଲେ ୨୫ ଲକ୍ଷଟଙ୍କା ପୁରସ୍କାର ରାଶି ଦିଆଯିବା ସ୍ୱପ୍ନ ଦେଖାଇ ଲୋକଙ୍କୁ ଠକୁଛନ୍ତି ଲୁଟେରା। ନିକଟରେ ଜଣେ ବରିଷ୍ଠ ଖବରଦାତା ଓ ଶିକ୍ଷକଙ୍କୁ ଫଟୋ ଓ ଫୋନକଲ ଆସିଥିଲା। କେବିସି ନାମ ଓ ଏଥିରେ ଷ୍ଟାର ଅଭିନେତା ଅମିତାଭ ବଚନଙ୍କ ଫୋଟୋ ରହିବା ଫଳରେ ନିରୀହ ଅଶିକ୍ଷିତ ଲୋକ ଅତି ସହଜରେ ଏହି ଫାଶରେ ପଡୁଛନ୍ତି। ତେବେ ଏପରି ଫୋନ କଲ କିମ୍ବା ଲଟେରୀ ଫୋଟୋ ଓ ବିଭିନ୍ନ ଲିଙ୍କ ଆସିଲେ ସଜାଗ ହୋଇ ରହନ୍ତୁ, ନଚେତ ଠକାମୀ ର ଶିକାର ହେବେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରକଳ୍ପ ଡାକ୍ତରଖାନା ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବାକୁ ଚିଠି

- ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା ପରିଚାଳନାକୁ ନେଇ ଉଠିଛି ପ୍ରଶ୍ନ
- ଅର୍ଥ ଅଭାବରୁ ଡାକ୍ତରଖାନା ପରିଚାଳନା ଦିଗରେ ଅକ୍ଷମତା ପ୍ରକାଶ କଲା ଇରିଗେଶନ ବିଭାଗ

ତେନ୍ତୁଳିଖୁଣ୍ଟି, ୧୯।୭(ଡି.ଏନ୍.ଏ.)

ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାରେ ଇନ୍ଦ୍ରାବତୀ ପ୍ରକଳ୍ପ ପକ୍ଷରୁ ଏକ ସ୍ୱାସ୍ଥ୍ୟକେନ୍ଦ୍ର କରାଗଲା। ଏହାର ପରିଚାଳନା ଦାୟିତ୍ୱ ତାହା ଇରିଗେଶନ ବିଭାଗର ଥିଲା। ଏହାର ଡେଭଲପ୍‌ମେଣ୍ଟ ଓ ମେଣ୍ଟେନାନ୍ସ କାମ ଓଏଚ୍‌ବିସିକୁ ହସ୍ତାନ୍ତର କରାଯାଇଥିଲା। ଚଳିତ ବର୍ଷ ଜାନୁୟାରୀରୁ ଏହି କାମ ଇରିଗେଶନକୁ ଓଏଚ୍‌ବିସି ଛାଡି ଦେଇଛି। ଇରିଗେଶନ ବିଭାଗ ପାଖରେ ଅର୍ଥ ଅଭାବ ହେତୁ ଡାକ୍ତରଖାନା ଷ୍ଟାଫ୍ ପେମେଣ୍ଟ ଓ ଅନ୍ୟ ମେଣ୍ଟେନାନ୍ସ କାମ କରିବା କଷ୍ଟକର ହେଉଛି। ତେଣୁ ଏହାର ପରିଚାଳନା ଦାୟିତ୍ୱ ଏବେ କାହାର ତାହାକୁ ନେଇ ପ୍ରଶ୍ନ ଉଠିଛି। ଡାକ୍ତରଖାନା ବନ୍ଦ ହୋଇଗଲେ ସ୍ୱାସ୍ଥ୍ୟସେବା ପାଇଁ ଗୌଡ଼ଦେଓପାଲି,ପରଜା ବାରଙ୍ଗପଦର, ମଞ୍ଜାଗାଁ, ଲମତଗୁଡା ପଞ୍ଚାୟତବାସୀଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇଁ ୧୦ରୁ୨୨କି.ମି. ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ହେବ। ରାଜ୍ୟ ସରକାର ଡାକ୍ତରଖାନା ପରିଚାଳନା ଦାୟିତ୍ୱ ସମ୍ପର୍କରେ ତୁରନ୍ତ କୌଣସି ନିଷ୍ପତ୍ତି ନେବାକୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାରେ ଇନ୍ଦ୍ରାବତୀ ପ୍ରକଳ୍ପ କର୍ମଚାରୀ ଓ ଆଖପାଖ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରକଳ୍ପ ପକ୍ଷରୁ ଜଳ ସମ୍ପଦ ବିଭାଗ ଦ୍ୱାରା ୩୨ ଶଯ୍ୟା ବିଶିଷ୍ଟ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା ଓ କୋରାପୁଟର ମୁରାନଠାରେ ଏକ ଡିସ୍‌ପେନ୍ସରି ଖୋଲାଯାଇଥିଲା। ୨୦୦୬ ପର୍ଯ୍ୟନ୍ତ ତାହା ଠିକ୍‌ଠାକ୍ ଚାଲିଥିଲା। ସ୍ୱାସ୍ଥ୍ୟ ବିଭାଗ ଏମ୍‌ବିବିଏସ୍ ଡାକ୍ତର ପ୍ରକଳ୍ପ ଡାକ୍ତରଖାନାରେ ନିଯୁକ୍ତି ହେଉଥିଲେ। ପ୍ରକଳ୍ପ ମଧ ଡାକ୍ତରଖାନା ପରିଚାଳନା ପାଇଁ ଆବଶ୍ୟକ ଆର୍ଥିକ ଖର୍ଚ୍ଚ କରି ଆସୁଥିଲା। କିନ୍ତୁ ଧୀରେ ଧୀରେ ପ୍ରକଳ୍ପ ଆର୍ଥିକ ଅନୁଦାନ କମାଇବାରେ ଲାଗିଲା। ଡାକ୍ତରଙ୍କୁ ଦିଆଯାଇଥିବା ପ୍ୟାକେଜ ଇନ୍ଦ୍ରାବତୀ ପ୍ରକଳ୍ପ କର୍ତ୍ତୃପକ୍ଷ ନ ଦେବାରୁ ଏହି ଡାକ୍ତରଖାନାକୁ ଆଉ ଡାକ୍ତର ଆସିଲେନାହିଁ। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଚୁକ୍ତିଭିତ୍ତିକ ଅବସରପ୍ରାପ୍ତ ଡାକ୍ତର ପୋଷ୍ଟିଂ କଲା। ସେଥିରେ ମଧ ଆନ୍ତରିକତା ଅଭାବ ଯୋଗୁ ଗତ ୧୦ବର୍ଷ ହେବ ଦୁଇଟି ଚୁକ୍ତିଭିତ୍ତିକ ଡାକ୍ତରଙ୍କ ସ୍ଥାନରେ ମାତ୍ର ଜଣେ ହିଁ ପୋଷ୍ଟିଂ ହୋଇଛନ୍ତି। ଅନ୍ୟ ପଦବୀ ପାଇଁ କେହି ଆବେଦନ ମଧ କରୁନାହାନ୍ତି। ଉକ୍ତ ଡାକ୍ତରଙ୍କ ଚୁକ୍ତି ଅକ୍ଟୋବରରେ ଶେଷ ହେଉଛି। ଏକମାତ୍ର ଡାକ୍ତରଙ୍କ ଚୁକ୍ତି ନବୀକରଣ କରା ନ ଗଲେ ସ୍ୱାସ୍ଥ୍ୟକେନ୍ଦ୍ର ଏକପ୍ରକାର ଡାକ୍ତର ଶୂନ୍ୟ ହୋଇଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେପୁଟେଶନରେ ଆସିଥିବା ଡାକ୍ତର ଅଧିକାଂଶ ସମୟ ଡାକ୍ତରଖାନାରେ ଉପଲବ୍ଧ ହେଉ ନ ଥିବା ଅଭିଯୋଗ ହୋଇଛି। ସେଇଭଳି ଡାକ୍ତରଖାନାରେ ଆବଶ୍ୟକ କର୍ମଚାରୀ ଓ ଔଷଧ ରଖାଯାଉ ନ ଥିବା ଯୋଗୁ ଧୀରେ ଧୀରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜନସାଧାରଣଙ୍କ ଭରସା ତୁଟିବାକୁ ଲାଗିଲାଣି। ବର୍ତ୍ତମାନ ପ୍ରକଳ୍ପ ଡାକ୍ତରଖାନାରେ ୨ଜଣ ଡାକ୍ତର, ଜଣେ ଫାର୍ମାସିଷ୍ଟ , ଜଣେ ଏକ୍ସ-ରେ ଟେକ୍ନିସିଆନ,୨ ଜଣ ଜିଏନ୍‌ଏମ୍, ଦୁଇ ଜଣ ଝାଡୁଦାର ଅଛନ୍ତି। ଆଟେଣ୍ଡାଣ୍ଟ ଓ ଲାବୋରାଟୋରି ଟେକ୍ନିସିଆନ,ଏଏନ୍ଏମ, ଧାତ୍ରୀ ସହ ପ୍ରାୟ ଚାରିରୁପାଞ୍ଚ ପଦବୀ ଖାଲି ଅଛି। କୋଭିଡ୍ ସମୟରେ ୨ଜଣ ଫାର୍ମାସିଷ୍ଟ, ତିନି ଜଣ ଷ୍ଟାଫ୍ ନର୍ସଙ୍କୁ ସ୍ୱାସ୍ଥ୍ୟ ବିଭାଗକୁ ଡେପୁଟେଶନରେ ପଠାଗଲା। ଜଣେ ଫାର୍ମାସିଷ୍ଟ, ୨ଜଣ ଠିକାଭିତ୍ତିକ ଜିଏନ୍‌ଏମ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଦୁଇ ବର୍ଷ ବିତିଗଲାଣି। ଆଜି ବି ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରୁ ଡେପୁଟେଶନରେ ଯାଇଥିବା କର୍ମଚାରୀଙ୍କ ଦରମା ଇନ୍ଦ୍ରାବତୀ ପ୍ରକଳ୍ପ ଦେଉଛି। ସେମାନଙ୍କୁ ଏଯାବତ୍ ସ୍ୱାସ୍ଥ୍ୟ ବିଭାଗକୁ ସମ୍ପୂର୍ଣ୍ଣ ନିଆଯାଇନାହିଁ। ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା ସମ୍ପର୍କରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନ ନେବା ଚିନ୍ତାଜନକ। ଏ ନେଇ ପ୍ରକଳ୍ପର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଅନୀଲ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ପ୍ରକଳ୍ପ କର୍ତ୍ତୃପକ୍ଷ ଖାଲି ପଦବୀ ପୂରଣ କରିବେନି କି ଆବଶ୍ୟକ ସରଞ୍ଜାମ ଯୋଗାଇବେ ନାହିଁ। ସ୍ୱାସ୍ଥ୍ୟ ବିଭାଗକୁ ଡାକ୍ତରଖାନା ହସ୍ତାନ୍ତର ପାଇଁ ଆମେ ଲେଖିଛୁ ବୋଲି ସେ କହିଛନ୍ତି।




ନାମ ପଞ୍ଜୀକରଣ ପାଇଁ କାଉଣ୍ଟର ଆଗରେ ଚାଷୀଙ୍କ ଭିଡ଼।

# ଲ୍ୟାମ୍ପ୍‌ସ ଆଗରେ ଚାଷୀଙ୍କ ଭିଡ଼

**ଖରିଫ୍ ମଣ୍ଡିରେ ଧାନ ବିକ୍ରି ନେଇ ପଞ୍ଜୀକରଣ କଲେ ଚାଷୀ**

ଚନ୍ଦାହାଣ୍ଡି, ୧୯।୭(ଡି.ଏନ୍.ଏ.)

ଖରିଫ ମଣ୍ଡିରେ ଧାନ ବିକ୍ରୀ ପଞ୍ଜୀକରଣ ନିମନ୍ତେ ମଙ୍ଗଳବାର ଚନ୍ଦାହାଣ୍ଡି ସମବାୟ ସମିତି କାଉଣ୍ଟର ଆଗରେ ଚାଷୀଙ୍କ ପ୍ରବଳ ଭିଡ ଲାଗିଥିଲା। ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ବର୍ତ୍ତମାନ ପୁଣି କରୋନା ମହାମାରୀ ଧୀରେଧୀରେ ନିଜ କାୟା ବିସ୍ତାର କରୁଛି। ଏହା ମଧ୍ୟରେ ବିନା ମାକ୍ସ ଏବଂ ସାମାଜିକ ଦୂରତା ଭୁଲି କାଉଣ୍ଟର ଆଗରେ ପଞ୍ଜୀକରଣ ପାଇଁ ଚାଷୀ ଖୁନ୍ଦାଖୁନ୍ଦି ହୋଇ ପ୍ରବଳ ଭିଡ଼ ଜମାଇବାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଏହାଦ୍ୱାରା କରୋନା ବ୍ୟାପିବାର ଭୟ ରହୁଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ସୂଚନାନୁଯାୟୀ, ଚନ୍ଦାହାଣ୍ଡି ବ୍ଲକରେ ଖୋଲାଯାଇ ଥିବା ୬ଟି ମଣ୍ଡିରେ ଚାଷୀ ପଞ୍ଜୀକରଣ ପାଇଁ ଲ୍ୟାମ୍ପ୍‌ସରେ ଆବେଦନ କରୁଛନ୍ତି। ମଙ୍ଗଳବାର ଦିନ ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସ ପରିସରରେ ତଥା ଥାନା ସମୁଖରେ ଚାଷୀଙ୍କ ପ୍ରବଳ ଭିଡ଼ ଜମିଥିଲା। ଏଥିସହ ଚନ୍ଦାହାଣ୍ଡି ଧୂରୁଆପଡା ମେଡିକାଲ ରାସ୍ତାରେ ଚାଷୀଙ୍କ ଭିଡରେ ସାଧାରଣ ଯାତାୟତରେ କିଛି ସମୟ ପାଇଁ ବ୍ୟାଘାତ ଦେଖା ଦେଇଥିଲା। ୬ଟି ମଣ୍ଡିରେ ଚାଷୀ ପଞ୍ଜୀକରଣ ପାଇଁ ୬ ଟି କାଉଣ୍ଟର ବ୍ୟବସ୍ଥା କରାଯାଇ ଥିଲା । ତଥାପି ଭିଡ ଅଣାୟତ ହୋଇ ପଡୁଥିଲା । ପଞ୍ଜୀକରଣ ପାଇଁ ଆସିଥିବା ଚାଷୀମାନେ ବିଶେଷ ଭାବରେ ହଇରାଣ ହୋଇ ପଡୁଥିବା ଦେଖିବା କୁ ମିଳିଥିଲା। ପ୍ରତି ପଞ୍ଚାୟତରେ ଧାନ ମଣ୍ଡି ପଞ୍ଜୀକରଣ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଏଠାରେ ଦାବି କରିଛନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଶ୍ରେଣୀଗୃହ ସମସ୍ୟା ସମାଧାନ ଦାବି

ତେନ୍ତୁଳିଖୁଣ୍ଟି, ୧୯।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜାଗାଁ ପଞ୍ଚାୟତ ବିରିଗୁଡାରେ ଉଚ୍ଚ ବିଦ୍ୟାଳୟ ହେବାରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀକୁ ନେଇ ନୋଡାଲ ଉଚ୍ଚ ବିଦ୍ୟାଳୟ ନାମ କରଣ ହୋଇଛି। କିନ୍ତୁ ପ୍ରଥମରୁ ସପ୍ତମ ପାଇଁ ପାଇଁ ମାତ୍ର ୪ଟି ଶ୍ରେଣୀଗୃହ ରହିଛି। ଅଷ୍ଟମରୁ ଦଶମ ଶ୍ରେଣୀ ଗୃହ ଗ୍ରାମର ଅନ୍ୟ ଏକ ସ୍ଥାନରେ ରହିଛି। କୌଣସି ସ୍ଥାନରେ ଆବଶ୍ୟକ ତା ଅନୁସାରେ ଶ୍ରେଣୀ କକ୍ଷ ନାହିଁ। ପ୍ରଥମରୁ ସପ୍ତମ ଶ୍ରେଣିପାଇଁ ଥିବା କକ୍ଷ ଗୁଡିକ ଜରାଜୀର୍ଣ୍ଣ ହୋଇଗଲାଣି ତାର ମରାମତି ପାଇଁ ୨ ରୁ ତିନି ଲକ୍ଷ ଟଙ୍କା ଆବଶ୍ୟକ। ସେତିକି ଅର୍ଥ ବିଦ୍ୟାଳୟ ମରାମତି ପାଇଁ ଆସୁନି। ଏଣୁ ନୂତନ ତିନୋଟି କକ୍ଷ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବିଭାଗକୁ ଦାବି କରିଥିଲେ। କିନ୍ତୁ କିଛି ଫଳ ମିଳିନି। ବର୍ଷା ଦିନରେ ଜରାଜୀର୍ଣ୍ଣ ଚଟାଣ ଫାଟିଥିବା କକ୍ଷରେ ଶିକ୍ଷା ଦାନ କଷ୍ଟ। ଏଣୁ ନୂତନ ଶ୍ରେଣୀ କକ୍ଷ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୀମସେନ ନାୟକ, ତୁଳସା ମୁଦୁଲି, ପାର୍ବତୀ ମୁଦୁଲି, ଶକୁନ୍ତଳା, ଅଭି ବାଘ, ବାଲାଜୀ ମୁଦୁଲି, ରଞ୍ଜିତ ସୁନା ପ୍ରମୁଖ ବିଡ଼ିଓ ଦୁର୍ଯ୍ୟୋଧନ ଭୋଇଙ୍କୁ ଭେଟି ଦାବି ଜଣାଇଛନ୍ତି। ବର୍ତ୍ତମାନ ରୂପାନ୍ତର ଯୋଜନାରେ ନବୀକରଣ ଚାଲିଥିବାବେଳେ ମଞ୍ଜାଗାଁର ବିରିଗୁଡା ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସାମିଲ କରି ଗୋଟିଏ କ୍ୟାମ୍ପସ୍‌ରେ ପ୍ରଥମରୁ ଦଶମ ଶ୍ରେଣୀ ଗୃହ ସାଙ୍ଗକୁ ଅନ୍ୟ ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଯୁବପିଢ଼ିଙ୍କ ଭିତରେ ଦେଶରକ୍ଷା ଭାବନା ସୃଷ୍ଟି ଲକ୍ଷ୍ୟ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ରାୟଗଡ଼ା ଅଫିସ, ୧୯।୭

ଜୁଲାଇ ୨୬ରେ କାର୍‌ଗିଲ ବିଜୟ ଦିବସ ପାଳନ କରାଯିବ। ଏହି ଉପଲକ୍ଷେ ସପ୍ତାହେ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସୋମବାର କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ରାୟଗଡ଼ା ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦ୍ୱିତୀୟ ଓଡ଼ିଶା ବାଳିକା ଏନ୍‌ସିସି ବାଟାଲିୟନ ରାୟଗଡ଼ା କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ଭି.ଏସ୍. ଶ୍ରୀନିବାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଡ.ଦୁଷ୍ମନ୍ତ କୁମାର ମହାନ୍ତି, ମହାବିଦ୍ୟାଳୟ ଅଧକ୍ଷା ଅର୍ଚ୍ଚନା ପଟ୍ଟନାୟକ, ସୁବେଦାର ଶାନ୍ତନୁ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳା ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ କ୍ୟାପ୍‌ଟେନ ରୀତାରାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ସ୍ମୃତିରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଯବାନମାନଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ କ୍ୟାଣ୍ଡେଲ ଜାଳି ଅତିଥି ଓ ଏନ୍‌ସିସି କ୍ୟାଡେଟମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ୧୯୯୯ ଜୁଲାଇ ୨୬ରେ କାର୍‌ଗିଲ ଯୁଦ୍ଧରେ ଦେଶର ଯବାନମାନେ ଶତ୍ରୁମାନଙ୍କ ଛାତିରେ ଗୁଳି କରି ଟାଇଗର ହିଲ୍‌ରେ ଜାତୀୟ ପତାକା ଉଡାଇ ବିଜୟ ଦିବସ ପାଳନ କରିଥିଲେ। ଏଥିରେ କେତେଜଣ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ବଳିଦାନକୁ ମନେ ପକାଇବା ସହ ଯୁବପିଢ଼ିଙ୍କ ଭିତରେ ଦେଶରକ୍ଷା ଓ ଶହୀଦ ଯବାନଙ୍କୁ ସମ୍ମାନ ପ୍ରଦାନ ଉଦ୍ଦେଶ୍ୟରେ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଉଛି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଶେଷରେ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ବ୍ୟବସାୟୀ ସଂଘର ଦାବିପତ୍ର




ଷ୍ଟେଶନ ମାଷ୍ଟର ଦାବିପତ୍ର ଗ୍ରହଣ କରୁଛନ୍ତି।

ମୁନିଗୁଡ଼ା,୧୯।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ାରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ନେଇ ବ୍ୟବସାୟୀ ସଂଘ ପକ୍ଷରୁ ଏକ ଦାବିପତ୍ର ତହସିଲଦାର, ଏସ୍‌ଡିପିଓ, ମୁନିଗୁଡ଼ା ଥାନା ଅଧିକାରୀ ଏବଂ ରେଳ ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଛି। ସଂଘର ସଭାପତି ଚିନ୍ତାମଣି ସାହୁଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ବଳରାମ ନାୟକ, ପ୍ରଦୀପ ପରିଚ୍ଛା, ବାଲାଜୀ ପାତ୍ର, ଶ୍ରୀନିବାସ କୁମାର, ରମଣ ଜୈନ, ମନୋଜ ସାହୁ, ପ୍ରବୀଣ ମାହି, ପୁରୁଷୋତ୍ତମ ଚୌଧୁରୀ, ସନ୍ତୋଷ ପାତ୍ର, କେ. ଗୋପୀ ସମେତ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼, ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଥାନା ଅଧିକାରୀ ସୁଜ୍ଞାନୀ ସାହୁ, ଷ୍ଟେଶନ ମ୍ୟାନେଜରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ତିନିକୋଣିଆ ରେଳ ଫାଟକ ନିକଟରେ ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ, ବାଇପାସ୍ ରାସ୍ତା ନିର୍ମାଣ, ମୁନିଗୁଡ଼ା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମାର ମରାମତି, ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ସହ 'ନୋ ଏଣ୍ଟ୍ରି' ର ବ୍ୟବସ୍ଥା କରିବାକୁ ଦାବିପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଅଧିକାରୀମାନେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଦୃଢ଼ମନା ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ**

ନବରଙ୍ଗପୁର,୧୯।୭(ବି.ପ୍ର.)

ଜିଲା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ଼ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ତେନ୍ତୁଳିଖୁଣ୍ଟି ମେଡିକାଲ୍ ଅଫିସର ଡ ସମଲେଇ ପ୍ରସାଦ ପଣ୍ଡା ଯୋଗଦେଇ ଥିଲେ। ମାନସିକ ଭାବେ ଦୃଢମନା ହେବା ପାଇଁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ମନସ୍ତତ୍ତ୍ୱବିତ୍ ରଞ୍ଜିତା ଦାସ କାର୍ଯ୍ୟକ୍ରମରେ ବୃତ୍ତ ଚିତ୍ର ମାଧ୍ୟମରେ ମାନସିକ ଅବସାଦର ବୈଜ୍ଞାନିକ କାରଣ ବର୍ଣ୍ଣନା କରିଥଲେ। ଅନ୍ୟତମ ଅତିଥିଭାବେ ମନ୍ମଥ କୁମାର ମାଝି ଏବଂ ଡ ଅରବିନ୍ଦ କୁମାର ଓଝା ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଶେଷ ଭାଗରେ ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ସୁମନ୍ତ ବାଘେଲ, ଶ୍ରବଣ କୁମାର ପୁଝାରୀ, ଜିଭିଭି ରଞ୍ଜିତା, ସୁଲୋଚନା ନାୟକ, ପଲ୍ଲବୀ ସାହୁ, ମୋନାଲିସା ନାଗ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଛାତ୍ର ତଥା ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ପ୍ରତି ପଞ୍ଚାୟତରେ ଧାନ, ମକା ମଣ୍ଡି ଖୋଲିବା ଦାବି

**ଝରିଗାଁ ବ୍ଲକ ନାରୀ ମହାସଂଘ ପକ୍ଷରୁ ୨୦ଦଫା ଦାବିପତ୍ର**

ଝରିଗାଁ, ୧୯।୭(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ନାରୀ ମହାସଂଘ ତରଫରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୨୦ ଦଫା ଦାବିପତ୍ର ଦିଆଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ସେକ୍ସନ୍ ଅଫିସର ଜୟନ୍ତ କୁମାର ହାଲ୍‌ଦାର ଉକ୍ତ ଦାବିପତ୍ର ଗ୍ରହଣ କରିଛନ୍ତି।

୧୯୯୬ ପେସା ଆଇନ ଓ ପଞ୍ଚାୟତିରାଜ ଆଇନ ଅନୁଯାୟୀ ଗ୍ରାମସଭାର ବିନା ଅନୁମତିରେ ଝରିଗାଁ ସଦର ମହକୁମାରେ ରହିଥିବା ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ନିକଟରେ ଖୋଲାଯାଇଥିବା ଖୁଚୁରା ବିଦେଶୀ ମଦ ଦୋକାନକୁ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। ସେହିପରି ନବରଙ୍ଗପୁର ଜିଲା ମଧ୍ୟରେ ପେସା ଆଇନ ଅନୁଯାୟୀ କେତେଟି ମଦଦୋକାନ ଖୋଲାଯାଇଛି ତାହାର ଗ୍ରାମସଭା ବିବରଣୀ ନାରୀ ମହାସଂଘକୁ ପ୍ରଦାନ, ସରକାରୀ ନିୟମ ଉଲ୍ଲଂଘନ କରିଥିବା ମଦଦୋକାନ ଏବଂ ମଦ ବ୍ୟବସାୟକୁ ସମ୍ପୂର୍ଣ୍ଣ ବନ୍ଦ, ବିପିଏଲ୍ ପରିବାର ଏବଂ ବିଧବାଙ୍କୁ ବାସଗୃହ ସହ ଘରବାଡି ପଟ୍ଟା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବିପିଏଲ୍ ପରିବାରକୁ ମନଇଚ୍ଛା ଧମକାଇ ଅଧିକ ବିଦ୍ୟୁତ୍ ଦେୟ ମାଗିବା ସହ ବିଶ୍ୱକର୍ମା ପୂଜା ନାମରେ ଖାଉଟିଙ୍କଠାରୁ ଚାନ୍ଦା ନିଆଯାଉଥିବା ଅଭିଯୋଗ ରହିଛି। ତାହାକୁ ବନ୍ଦ କରିବାକୁ ଦାବି ହୋଇଛି। ଝରିଗାଁ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ନିମନ୍ତେ ମାଗଣାରେ ଅଭିଯୋଗ ଲେଖାଯିବା ବ୍ୟବସ୍ଥା, ପ୍ରତ୍ୟେକ ୱାର୍ଡସ୍ତରରେ ନାରୀ ସଂଘ ସକାଶେ ବୈଠକ ଗୃହ ନିର୍ମାଣ କରିବାକୁ ଦାବି ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସହ ୨୦୦୫ ପୂର୍ବରୁ ଜଙ୍ଗଲ ଜମିରେ ରହି ଆସୁଥିବା ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ଝରିଗାଁ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଠିକ୍ ଓଜନର ବିପିଏଲ୍ ଚାଉଳ ପ୍ରଦାନ, ଜିଲାଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ପଦବୀ ପୂରଣ, ପଞ୍ଚାୟତସ୍ତରରେ ନୂତନ ଆଧାର କାର୍ଡ ପ୍ରସ୍ତୁତି ଏବଂ ସଂଶୋଧନ କେନ୍ଦ୍ର ଖୋଲିବାକୁ ଦାବି ହୋଇଛି। ସରକାରୀ ସାର ଓ ବିହନ ବିକ୍ରୟ କେନ୍ଦ୍ରରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟରେ ଚାଷୀଙ୍କୁ ସାର ଓ ବିହନ, ପ୍ରତ୍ୟେକ ପଞ୍ଚାୟତସ୍ତରରେ ଧାନ ଓ ମକା ମଣ୍ଡି ଖୋଲିବା, ଝରିଗାଁ ବ୍ଲକରେ ରହିଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ଡାକ୍ତରଖାନାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ନାରୀ ମହାସଂଘର ଉର୍ମିଳା ସାହୁ, ମନିକା ହରିଜନ, ସୂର୍ଯ୍ୟ ସାନ୍ତା, ଜାନକୀ ହରିଜନ, ବନିତା ଭତ୍ରା, ରାଜେଶ ଜାନି ପ୍ରମୁଖ ଉପସ୍ଥିତ ଥିଲେ।




ସଂଘ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଗୁରୁପ୍ରିୟା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

ଗୋବିନ୍ଦପାଲି,୧୯।୭(ଡି.ଏନ.ଏ.)- ମଙ୍ଗଳବାର ଗୋବିନ୍ଦପାଲିସ୍ଥିତ ଗୁରୁପ୍ରିୟା ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବିତା ଆସର ଭରଚୁଆଲ ମାଧମରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଯତିନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୋପବନ୍ଧୁ ମିଶ୍ର ସ୍ୱାଗତ ସୂଚନା ଓ ମୁଖ୍ୟ ସମ୍ପାଦକ କେ. ତ୍ରିମୂଳା ଆଚାରୀ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ମୁଖ୍ୟବକ୍ତା ଭାବେ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିପିନ ବିହାରୀ ବାରିକ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦିକା ସଙ୍ଗୀତା ବାରିକ କବିତା ସଂଯୋଜନା କରିଥିଲେ। ସଂଯୋଜକ ପ୍ରଦୀପ ସରକାର ଧନ୍ୟବାଦ ଦେଇଥିଲେ।

### ଝିଅାରୀ ପ୍ରତି ପାଶବିକ ଅତ୍ୟାଚାର କରି ଥାନାରେ ଦାଦା ଅଟକ

ସେମିଳିଗଡ଼ା/ସୁନାବେଡ଼ା,୧୯।୭ (ସ୍ୱ.ପ୍ର.)- ମଙ୍ଗଳବାର ସେମିଳିଗୁଡା-କାକିଗାଁ ରାସ୍ତା ଗୋପବନ୍ଧୁନଗର ଅଞ୍ଚଳରେ ଜଣେ ଦାଦା ସମ୍ପର୍କର ମୂଲ୍ୟକୁ ଭୁଲି ତାଙ୍କର ୩ ବର୍ଷର ଝିଅାରୀଙ୍କୁ ବଳାତ୍କାର କରିଥିବା ପରି ଅଭାବନୀୟ ଘଟଣା ଘଟିଛି। ଦାଦା ରଜନୀ ପ୍ରଧାନ (୩୭) ସକାଳ ପ୍ରାୟ ୮ଟାରେ କୌଣସି ପ୍ରକାରେ ଶିଶୁଟିକୁ ନେଇଆସି ଏକ କୋଠରି ମଧରେ ରଖି ତାଙ୍କୁ ନିର୍ଯାତନା ଦେଉଥିଲେ। ପରିବାର ଲୋକେ ଝିଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟାରେ ଜଣେ ବ୍ୟକ୍ତି ଶିଶୁଟିକୁ ରଖାଯାଇଥିବା ଘର ପାଖ ଦେଇଯାଉଥିବା ବେଳେ ଶିଶୁକୁ ଠାବ କରିଥିଲେ। ଦାଦା ରଜନୀଙ୍କୁ ଧରି ଶିଶୁର ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହା ଘଟଣା ପ୍ରଚାର ହୋଇଯିବା ପରେ ସ୍ଥାନୀୟ ଲୋକେ ରଜନୀଙ୍କୁ ନିର୍ଘୃମ୍ ମାଡ଼ ମାରିଥିଲେ। ଖବର ପାଇ ସୁନାବେଡ଼ା ଏଏସ୍ଆଇ ବାଳକୃଷ୍ଣ ରଥ ପହଞ୍ଚି ନିଶାସକ୍ତ ଦାଦା ରଜନୀଙ୍କୁ ଥାନାକୁ ନେଇଥିଲେ। ପରେ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। କେସ୍ ନମ୍ବର ୧୧୦/୨୨।

### କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦିବସ

ମାଲକାନଗିରି,୧୯।୭(ଡି.ଏନ.ଏ.)- ମାଲକାନଗିରିସ୍ଥିତ ଭାରତୀୟ କୃଷି ଗବେଷଣା କେନ୍ଦ୍ରର ୯୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ପାଇଁ ଅନେକ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ଏମ୍ଭି-୨ସ୍ଥିତ ଗୋପବନ୍ଧୁ ଉନ୍ନୟନ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କୃଷିବିଜ୍ଞାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ସମୀର ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ନିଗମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ କୃଷିନୀତି ଓ କୃଷକଙ୍କ ଉନ୍ନତି ନିମନ୍ତେ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ବୈଜ୍ଞାନିକ କୌଶଳ ସହ ବୈଷୟିକ ଜ୍ଞାନର ଉପଯୋଗରେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୭ଟି ବ୍ଲକରୁ ଶତାଧିକ ଚାଷୀ ଯୋଗଦେଇ ଚାଷଭିତ୍ତିକ ବିଭିନ୍ନ ସମସ୍ୟା ନେଇ ମତ ରଖିଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ



ଜୟପୁର, ୧୯।୭ ( ନି.ପ୍ର.)-ଏମ୍‌ଜି ରୋଡ୍ ସ୍ଥିତ ଡିଆଇଇଟି ସମ୍ମୁଖରେ ମଙ୍ଗଳବାର ଜୁଆଖେଳ ଚାଲୁଥିବା ସୂଚନା ପାଇ ଟାଉନ ଥାନା ପୋଲିସ ଚଢ଼ାଉ କରିଛି। ୪ ଜଣ ଜୁଆଡ଼ିଙ୍କୁ ଗିରଫକରି ତାଙ୍କଠାରୁ ୪ ହଜାର ୯ ଶହ ୩୦ ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

# ଦଶମନ୍ତପୁର: ପୁଣି ଝାଡ଼ାବାନ୍ତିରେ ଜଣେ ମୃତ, ୬ ଆକ୍ରାନ୍ତ

ଦଶମନ୍ତପୁର,୧୯।୭ ( ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ପୁଣି ଝାଡ଼ାବାନ୍ତି ଦେଖାଦେଇଛି। ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆକ୍ରାନ୍ତ ହୋଇଛନ୍ତି। ପୂର୍ବରୁ ଝାଡାବାନ୍ତିରେ ଜଣକର ମୃତ୍ୟୁ ହୋଇଥିଲା। ଫଳରେ ଏବେ ମୃତକଙ୍କ ସଂଖ୍ୟା ୨କୁ ବୃଦ୍ଧି ପାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି। ୬ ଆକ୍ରାନ୍ତ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏମାନଙ୍କ ଘର ଗିର୍ଲିଗୁମା ପଞ୍ଚାୟତର ଛତାଆମ୍ବ ଗ୍ରାମରେ।

ଖବରରୁ ଜଣାପଡିଛି ସୋମବାର ଅପରାହ୍ନରେ ଗ୍ରାମର ଛେରୁ ଜାନିଙ୍କ ସ୍ତ୍ରୀ ଡମୁଣି (୪୦) ହଠାତ୍ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ନେଇ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡମୁଣିଙ୍କ ମୃତ୍ୟୁ ହୋଇଥିବା ଦଶମନ୍ତପୁର



ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଉଛି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀରାମ ପରିଡ଼ା ସୂଚନା ଦେଇଛନ୍ତି। ମଙ୍ଗଳବାର ଡାକ୍ତର ପରିଡ଼ା ଏବଂ ବିପିଏମ୍ ଶ୍ରୀକାନ୍ତ ଦାସ ଛତାଆମ୍ବ ଗ୍ରାମରେ ପହଞ୍ଚି ଝାଡାବାନ୍ତିରେ ଗୁରୁତର ଆକ୍ରାନ୍ତ ୬ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନେ ହେଲେ ତାରା ମୁଦୁଲି, ଗୁଞ୍ଜି ଜାନି, ଫଗୁଣି ମୁଦୁଲି, ମଧୁ ମୁଦୁଲି, ବାଲାଇ ଜାନି ଓ ଲୁଲା ପଞ୍ଚାୟତ ଗୁଲିମୂଷା ଗ୍ରାମର ଗୌରା ନାୟକ। ଅନ୍ୟ କେତେ ଜଣଙ୍କୁ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ରଖି ସେମାନଙ୍କୁ ସାଲାଇନ୍ ଦେବା ସହ ଔଷଧ ଦେଇଛନ୍ତି। ଦଶମନ୍ତପୁର ବ୍ଲକରେ ଏଭଳି ପରିସ୍ଥିତି ଯୋଗୁ ଡାକ୍ତର ପରିଡା ପୂର୍ବର ୧୧ ଜଣିଆ ଟିମ୍ ଗଠନ କରିଥିଲେ। ଏବେ ପୁଣି ଏକ ୮ ଜଣିଆ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପୁଡନଦୀ ପ୍ରଭାବିତ ଗ୍ରାମଗୁଡିକୁ ଯାଇ ଚିକିତ୍ସା ଆରମ୍ଭ କରିଥିବା ଜଣାପଡିଛି। ଛତାଆମ୍ବ ଗ୍ରାମରେ ଡାକ୍ତରୀ

**ମୃତ୍ୟୁ ସଂଖ୍ୟା ୨, ଆକ୍ରାନ୍ତ ସଂଖ୍ୟା ୨୨**

- ଝାଡ଼ାବାନ୍ତିର ମୁଖ୍ୟ କାରଣ ପାନୀୟ ଜଳ ଓ ଦୂଷିତ ପରିବେଶ
- ଗ୍ରାମରେ ଲୋକଙ୍କୁ ଭେଟିଲା କଂଗ୍ରେସ ଟିମ୍
- ଅଙ୍ଗନୱାଡି କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ରୋଗୀ

ଦଳ ଲୋକଙ୍କୁ ହାଲୋଜିନ୍ ବଟିକା, ଓଆର୍ଏସ୍ ପାଉଡର ବାଣ୍ଟି ସଚେତନ କରିଛନ୍ତି। ତେବେ ଝାଡ଼ାବାନ୍ତିର ମୁଖ୍ୟ କାରଣ ପାନୀୟ ଜଳ ସମସ୍ୟା ଓ ଦୂଷିତ ପରିବେଶ ବୋଲି କୁହଯାଉଛି। କଂଗ୍ରେସ ନେତା ପବିତ୍ର ସାଉନ୍ତା କର୍ମୀମାନଙ୍କ ସହ ଗ୍ରାମରେ ପହଞ୍ଚି ରୋଗୀଙ୍କୁ ଆର୍ଥିକ ସହାୟତା କରିଛନ୍ତି। ଚିକିତ୍ସା ଅଧିକାରୀ ଡାକ୍ତର ପରିଡା, ବିପିଏମ୍ ଦାସଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଦଶମନ୍ତପୁର ବ୍ଲକ ତୁମ୍ବାଗୁଡା ପଞ୍ଚାୟତରେ ଝାଡାବାନ୍ତିରେ କାଳିଚନ୍ଦ୍ର ଗୌଡ (୬୦)ଙ୍କ ମୃତ୍ୟୁ ହୋଇଥିଲା।

# ମୋଟୁ ବନ୍ୟା ଅଞ୍ଚଳ ପରିଦର୍ଶନ କଲା ବିଜେଡି ପ୍ରତିନିଧି ଦଳ




...

କାଳିମେଳା, ୧୯.୭(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ମୋଟୁ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିରେ ଏବେ ସୁଧାର ଆସିଛି। ତେବେ ଏବେ ସୁଦ୍ଧା ଲୋକମାନେ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିଛନ୍ତି। ଅନେକ ଲୋକ ବନ୍ୟା ଯୋଗୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବନ୍ୟା ପରେ ଲୋକଙ୍କ ଦୁର୍ଦ୍ଦଶା ଅନେକ ପରିମାଣରେ ବୃଦ୍ଧି ପାଇଛି। କେତେକ ଲୋକ ସମ୍ପୂର୍ଣ୍ଣ ବାସହରା ହୋଇପଡିଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଆରମ୍ଭ ହୋଇଛି। ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ମୋଟୁ ଅଞ୍ଚଳ ଗସ୍ତ କରି ବନ୍ୟା ବିପନ୍ନଙ୍କ ରିଲିଫ ବଣ୍ଟନ କରିଛନ୍ତି। ପୂର୍ବତନ ଏମ୍‌ପି ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ଜିଲା ପରିଷଦ ଅଧ୍ୟକ୍ଷ ସମାରି ଟାଙ୍ଗୁଲ, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପୌରାଧ୍ୟକ୍ଷ ମନୋଜ ବାରିକ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାଳିମେଳା ବ୍ଲକ ଅଧ୍ୟକ୍ଷା ସୁଭାସିନୀ ସୋଡି, କାଳିମେଳା ଜିଲା ପରିଷଦ ସଭ୍ୟ ଅପର୍ଣ୍ଣା ମଣ୍ଡଳଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ରହି ବନ୍ୟାପୀଡିତଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଚୁଡ଼ା, ଗୁଡ, ପୁରୁଷମାନଙ୍କୁ ଲୁଙ୍ଗି ଗାମୁଛା ଓ ମହିଳାମାନଙ୍କୁ ଶାଢ଼ି ଆଦି ରିଲିଫ ବଣ୍ଟନ କରିଥିଲେ। ଲୋକଙ୍କୁ ଠିକ ସମୟରେ କ୍ଷତିପୂରଣ ଯୋଗାଇ ଦେବାକୁ ମାଝୀ ଅତିରିକ୍ତ ତହସିଲଦାର ସୟଦ ସବିରଙ୍କ ସହ ଆଲୋଚନା କରିଥିଲେ। ପରେ ଏହି ଟିମ୍ ଆନ୍ଧ୍ରର କାଲେରୁପୋଲ ଓ ଆଖାପାଖରେ ଥିବା ବନ୍ୟା ପ୍ରଭାବିତ ଗ୍ରାମ ବୁଲି ଦେଖିବା ସହ ରିଲିଫ ପ୍ରଦାନ କରିଛନ୍ତି।




୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ପୂର୍ବରୁ ଛିଡା ହୋଇଥିବା ଟିପ୍ପର ପଛରେ ବିଶାଖାପାଟଣାରୁ ଚିତ୍ରକୋଣ୍ଡା ଆସୁଥିବା ଏକ ବସ୍ ପିଟି ହୋଇ ଘଟିଥିବା ଦୁର୍ଘଟଣା।

# ଟିପ୍ପର ପଛରେ ପିଟିଲା ବସ୍, ୧୦ ଆହତ

କୋରାପୁଟ/ପଟ୍ଟାଙ୍ଗୀ, ୧୯।୭(ସ୍ୱ.ପ୍ର./ଡି.ଏନ.ଏ.)

କୋରାପୁଟରୁ ବିଶାଖାପାଟଣା ଯାଉଥିବା ୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ବଡ଼ି ଭୋରରୁ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୦ ଜଣ ଆହତ ହୋଇଥିବା ଜଣାପଡିଛି। ଆହତଙ୍କ ମଧ୍ୟରେ ଜଣେ ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଖବରରୁ ଜଣାପଡିଛି, ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ଶୁଣ୍ଡିପୁଟ୍ଟାର ଗ୍ରାମ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱରେ ଏକ ଟିପର ରହିଥିଲା। ବିଶାଖାପାଟଣାରୁ ଚିତ୍ରକୋଣ୍ଡା ଆସୁଥିବା ଏକ ସରକାରୀ ବସ୍ ଭାରସାମ୍ୟ ହରାଇ ଏହି ଟିପ୍ପର ପଛରେ ପିଟି ଦେଇଥିଲା। ଫଳରେ ୧୦ ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନେ ହେଲେ ଦମୟନ୍ତୀ ପଟ୍ଟନାୟକ, ନାଗଭୂଷନ ପଟ୍ଟନାୟକ ଜୟସେନ ସୁରିୟା, ଆପାଲାମା ସୁରିୟା, କେ. ସୂର୍ଯ୍ୟଲକ୍ଷ୍ମୀ ରେଡ୍ଡି, ଆର. ମନୋଜ କୁମାର, ବିଶ୍ୱକୁମାର ରାଓ, ନିରା ନାୟକ, ଦୁର୍ଯ୍ୟୋଧାନ ଚଣ୍ଡି ,ସୁରେନ୍ଦ୍ର ତେନ୍ତୁଳିପଡ଼ିଆ। ପ୍ରମୁଖ ଆହତ ହୋଇଖବର ପାଇ ପଟ୍ଟାଙ୍ଗୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଗାଡିରୁ ବାହାର କରି ଆମ୍ବୁଲାନ୍ସ ଯୋଗେ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଜଣଙ୍କ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା।

## ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବିପତ୍ର



ଜୟପୁର,୧୯।୭ (ନି.ପ୍ର.)

ନବନିର୍ମାଣ କୃଷକ ସଙ୍ଗଠନ କୋରାପୁଟ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟମାନେ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଏହି ଦାବିପତ୍ର ଦେଇଥିଲେ। ବିଜେବି କଲେଜର ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାକୁ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ରାଗିଂ କରିଥିବା ପିଲାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଦାୟିତ୍ୱରେ ଅବହେଳା କରିଥିବା କର୍ତ୍ତୃପକ୍ଷ, ୱାର୍ଡେନ, ସୁପରିଣ୍ଟେଣ୍ଡେଣ୍ଟ ଏବଂ ପ୍ରିନ୍ସିପାଲଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା, ପୋଲିସ ବିଭାଗ ବିନା ତଦନ୍ତରେ ରାଗିଂ ହୋଇ ନ ଥିବା କହିଥିବାରୁ କ୍ଷମା ପ୍ରାର୍ଥନା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମନଓର ଅଲ୍ଲି, ମନୋଜ ପାତ୍ର, ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘରୋଇ ଶିକ୍ଷାନୁଷ୍ଠାନରେ ୧୦ ଛାତ୍ରଙ୍କୁ ମାଡ଼ ମାରିଲେ ଶିକ୍ଷୟିତ୍ରୀ

ସେମିଳିଗୁଡ଼ା,ସୁନାବେଡ଼ା,୧୯।୭ (ସ୍ୱ.ପ୍ର.)

ସରକାର ଶିକ୍ଷା ଅନୁଷ୍ଠାନକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ଏହି ନିୟମ ସମସ୍ତ ସରକାରୀ ଓ ଘରୋଇ ଶିକ୍ଷା ଅନୁଷ୍ଠାନରେ ଅନୁପାଳନ ଲାଗି ନିର୍ଦ୍ଦେଶ ମଧ ରହିଛି। ହେଲେ ଏହାକୁ ଉଲ୍ଲଂଘନ କରିଛି ଏକ ଘରୋଇ ଶିକ୍ଷା ଅନୁଷ୍ଠାନ। ପାଠ ପାଇଁ ସମ୍ପୃକ୍ତ ଘରୋଇ ଇଂରାଜୀ ମାଧମ ଶିକ୍ଷା ଅନୁଷ୍ଠାନର ଜଣେ ଶିକ୍ଷୟିତ୍ରୀ ଏକାଧିକ ଛାତ୍ରଙ୍କୁ ମାଡ଼ମାରି ଲହୁଲୁହାଣ କରିଛନ୍ତି। ମିଳିଥିବା ଖବରରୁ ଜଣାପଡ଼ିଛି, ସେମିଳିଗୁଡାର ବେହେରାଗୁଡାଠାରେ ଥିବା ଦେଓମାଳି ପବ୍ଲିକ ସ୍କୁଲର କମ୍ପ୍ୟୁଟର ବିଭାଗ ଶିକ୍ଷୟିତ୍ରୀ ସୁଷମା ଦାଶ ଗୁରୁବାର ୫ମ କ୍ଲାସ୍‌ରେ ପଢାଉଥିବା ସମୟରେ ପିଲାଙ୍କୁ ଗୋଟିଏ ପ୍ରଶ୍ନ ପଚାରିଥିଲେ, ଯାହା ଶୁଣି କିଛି ପିଲା ହସି ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଜଣକ ରାଗିଯାଇ ୧୦ ଜଣ ପିଲାଙ୍କୁ କ୍ଲାସ୍ ରୁମ୍‌ରେ ଅଟକ ରଖି ଅନ୍ୟ ପିଲାଙ୍କୁ ବସ୍ ନିକଟକୁ ପଠାଇ ଦେଇଥିଲେ। ପରେ ସେ ଅଟକ ୧୦ ପିଲାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଶିକ୍ଷୟିତ୍ରୀଙ୍କ ମାଡ଼ରେ ପିଲାମାନେ ଲହୁ ଲୁହାଣ ହୋଇ ଯାଇଥିଲେ। ପିଲାମାନେ ଘରେ ଅଭିଭାବକଙ୍କୁ ସମସ୍ତ ଘଟଣା କହିବା ପରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଭାବକମାନେ ଏନେଇ ସ୍କୁଲ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। ମଙ୍ଗଳବାର ଏ ସମ୍ପର୍କରେ ସ୍କୁଲ୍ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧ୍ୟରେ ଏକ ଆପୋସ ଆଲୋଚନା ହୋଇଛି। ସ୍କୁଲ ଅଧ୍ୟକ୍ଷ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ୭ଦିନ ପାଇଁ କାର୍ଯ୍ୟରୁ ନିଲମ୍ବନ କରିଥିବା କହିଛନ୍ତି। ଯଦି ଅଭିଭାବକମାନେ ଲିଖିତ ସ୍ୱୀକୃତି ଦିଅନ୍ତି ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ଅବସ୍ଥାପିତ କରାଯିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ତହସିଲଦାରଙ୍କୁ ଦାବି ଜଣାଇଲେ ସରପଞ୍ଚ




ସରପଞ୍ଚ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

ଜୟପୁର, ୧୯।୭ ( ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ଉମୁରି ସରପଞ୍ଚ ସବିତା ନାୟକ ମଙ୍ଗଳବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଅବସରରେ ସେ ତହସିଲଦାର ପ୍ରଧାନ ଟୁଲି ଆମ୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉମୁରି ପଞ୍ଚାୟତରେ ଅନେକ କାର୍ଯ୍ୟ ନ ହୋଇ ପଡ଼ି ରହିଛି। ପଞ୍ଚାୟତରେ ଖେଳପଡ଼ିଆ, ବ୍ୟାୟାମଶାଳା, ପାର୍କ, ପାଠାଗାର, ଯୁବଗୋଷ୍ଠୀ କେନ୍ଦ୍ର, ଦୈନିକ ବଜାର, ଗୋଷ୍ଠୀ ଶୌଚାଳୟ ଏବଂ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଏପରି ଅନେକ କାର୍ଯ୍ୟ ରହିଥିଲେ ମଧ କିଛି କାର୍ଯ୍ୟ କରାଯାଉନାହିଁ। ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନେଇ ରାଜସ୍ୱ ବିଭାଗ ସରକାରୀ ଜାଗା ଚିହ୍ନଟ କରିବାକୁ ଉମୁରି ଆର୍ଆଇ ଓ ଅମିନଙ୍କୁ ନିର୍ଦ୍ଦେଶ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ କେଶବ ହରିଜନ, ରାମଚନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱାମୀ ବିବେକାନନ୍ଦ ୟୁଥ୍ ଆସୋସିଏଶନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ

ଏମ୍ଭି ୭୯,୧୯୭(ଡି.ଏନ୍.ଏ.)

ଚଳିତବର୍ଷ ମୋଟୁରେ ବନ୍ୟାଜନିତ ପରିସ୍ଥିତି ଗତ ତିନିଦଶନ୍ଧିର ରେକର୍ଡ ଭାଙ୍ଗିଛି। ଓଡ଼ିଶା,ଆନ୍ଧ୍ର, ତେଲଙ୍ଗାନାରେ ପର୍ଯ୍ୟାପ୍ତ କ୍ଷୟକ୍ଷତି ହୋଇଛି। ବନ୍ୟାଜଳ କମୁଥିବା ସତ୍ତ୍ୱେ ଏବେ ବି ଲୋକଙ୍କ ଘର ଜଳମଗ୍ନ ହୋଇରହିଛି। ଆନ୍ଧ୍ର ନିଜ ଅଞ୍ଚଳର କାଲେରୁ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କୁ ଉଦ୍ଧାର କରିବା ଦୂରର କଥା ରିଲିଫ ସାମଗ୍ରୀ ମଧ ଏପର୍ଯ୍ୟନ୍ତ ଯୋଗାଇନାହିଁ। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ସହ ଶୃଙ୍ଖଳା ଖାଦ୍ୟ ବିତରଣ କରାଯାଇଛି। କାଲେରୁବାସୀଙ୍କୁ ଏମ୍ଭି–୭୯ସ୍ଥିତ ସ୍ୱାମୀ ବିବେକାନନ୍ଦ ୟୁଥ୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ମୋଟୁଠାରେ ରନ୍ଧାଖାଦ୍ୟ ବିତରଣ କରାଯାଇଛି। ମୋଟୁ, ଆଲମା,ମୁରଲିଗୁଡ଼ା, ପେଣ୍ଟା, ରେଡିପାଲ ଏବଂ କଟାଗୁଡ଼ାର ବନ୍ୟାପୀଡିତ ଲୋକଙ୍କୁ ମଧ ଆସୋସିଏଶନ ସଦସ୍ୟମାନେ ରନ୍ଧାଖାଦ୍ୟ ବିତରଣ କରିଥିଲେ। ଏହି କାର୍ଯ୍ୟରେ ଅଜିତ ବର୍ମନ, ସଞ୍ଜୀବ ହାଲ୍‌ଦାର, ପ୍ରହ୍ଲାଦ ଦାସ, ରିକି ବାରିକ, ଚିରଞ୍ଜିତ ଲାଲା, ରାକେଶ ମଣ୍ଡଳ, ପାର୍ଥ ରାୟ, ଶୁଭଙ୍କର ମଣ୍ଡଳଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



ଆସୋସିଏଶନ ସଦସ୍ୟମାନେ ରନ୍ଧାଖାଦ୍ୟ ବଣ୍ଟନ କରୁଛନ୍ତି।

# ଅବସରପ୍ରାପ୍ତ କାଗଜକଳ ଶ୍ରମିକଙ୍କ ଇପିଏଫ୍, ପେନ୍‌ସନ ନେଇ ଆଲୋଚନା

ଜୟପୁର,୧୯।୭ (ନି.ପ୍ର.)

ଜୟପୁର କାଗଜକଳର ଅବସରପ୍ରାପ୍ତ ଶ୍ରମିକମାନେ ଗତ ୧୩ ତାରିଖରେ ସେମାନଙ୍କ ଇପିଏଫ୍, ପେନସନ୍, ବକେୟା ପାଉଣାର ହିସାବ ଏବଂ କୋଭିଡ୍ ସମୟ ସହ ଏହା ପରେ ଦୀର୍ଘ ମାସ ଧରି ଡ୍ୟୁଟି ବନ୍ଦ କରିଥିବା ସମୟର ହାଜିରା ସମ୍ପର୍କରେ ଦାବି ପତ୍ର ଦେଇଥିଲେ। ଏହା ଉପରେ ଆଲୋଚନା କରିବାକୁ ଆଜି ସମୟ ଧାର୍ଯ୍ୟ ହୋଇଥିଲା। ୟୁନିଟ୍ ହେଡ୍‌ଙ୍କ ନିର୍ଦ୍ଦେଶରେ ମାନବସମ୍ବଳ ମୁଖ୍ୟ ରମେଶ ଯାଦବ ଅବସରପ୍ରାପ୍ତ ଶ୍ରମିକ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହକ ମଧ୍ୟରେ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ବକେୟା ପାଉଣା ବିବରଣୀ ପ୍ରଦାନ କରିବା ସହ ଏହି ମାସ ଶେଷ ସୁଦ୍ଧା ୨୦୨୦/୨୧ର ପିଏଫ୍ ରାଶି ପୈଠ କରାଯିବ। ଅବସର ନେଇଥିବା ଶ୍ରମିକମାନେ ସେମାନଙ୍କ ଇପିଏଫ୍ ଟଙ୍କା ପାଇବେ। ସେମାନଙ୍କ ପେନସନ ପାଇଁ ମଧ ବ୍ୟବସ୍ଥା କରାଯିବ ବୋଲି ଯାଦବ କହିଥିଲେ। ସୂଚନାଯୋଗ୍ୟ, କାରଖାନା ୨୦୨୦ ଫେବୃଆରୀରେ ନୂଆ କମ୍ପାନୀ ମଦର ଆର୍ଥକୁ ବିକ୍ରି ହୋଇ ସେହି ନୂଆ କମ୍ପାନୀ ନାମରେ ୨୦୨୦ ଜୁନ୍ ୮ରୁ ୧୫୦ କୋଟି ଟଙ୍କା ବ୍ୟାଙ୍କ ଋଣ ଆଣିଥିଲେ ମଧ ଏପର୍ଯ୍ୟନ୍ତ କାରଖାନାର ଉତ୍ପାଦନ ସ୍ୱାଭାବିକ ହୋଇପାରିନାହିଁ। ସବୁ ଟଙ୍କା କାରଖାନାରେ ବିନିଯୋଗ ହୋଇଥିଲେ ସମସ୍ୟା ନ ଥାନ୍ତା, ମାତ୍ର ୧୦୦ କୋଟି ପୁରୁଣା ମାଲିକ ଗୌତମ ଥାପରଙ୍କୁ ଦେବା ପରେ ଦୁଇ ବର୍ଷରେ ୫୦ କୋଟି ମରାମତି ବାବଦରେ ଖର୍ଚ୍ଚ କରାଯାଇଛି। ଅନ୍ୟ ପକ୍ଷରେ କାରଖାନା ଭିତରେ କାମ କରୁଥିବା ଶ୍ରମିକମାନେ କହିଛନ୍ତି କେତେକ ସମସ୍ୟା ଏବେ ସୁଦ୍ଧା ରହିଛି। ଫଳରେ ଶୀଘ୍ର ଉତ୍ପାଦନ ସ୍ୱାଭାବିକ ହୋଇପାରିବ ନାହିଁ। ମେ' ୯ରେ କାଗଜ ଉତ୍ପାଦନ ଆରମ୍ଭ ହୋଇ ୪ ଦିନ ଚାଲିବା ବନ୍ଦ ହୋଇଥିଲା। ଏବେ ଦୁଇ ମାସ ପରେ ପୁଣି ଆରମ୍ଭ ହୋଇଛି। ତେବେ କମ୍ପାନୀ ମ୍ୟାନେଜମେଣ୍ଟ ଶ୍ରମିକମାନଙ୍କ ଚାକିରି ସର୍ତ୍ତାବଳୀ କାଟୁଥିବାରୁ ଅସନ୍ତୋଷ ଲାଗି ରହିଛି। ବୈଠକରେ ପ୍ରମୋଦ ମହାନ୍ତି, ପ୍ରଭାକର ପ୍ରହରାଜ, ସରୋଜ ପଣ୍ଡା, ଜନ୍ କେନେଡି, ପରମେଶ୍ୱର ଉପାଧ୍ୟାୟ, ସନ୍ଦୀପ ପଟ୍ଟନାୟକ, ସରୋଜ ସୁଆର, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଫୋରକ ଜବତ, ଜଣେ ଗିରଫ

ମାଲକାନଗିରି,୧୯।୭(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲ୍ଲା ଅନ୍ତର୍ଗତ ମୁରୁଦଣ୍ଡ ଅଞ୍ଚଳରେ ସିଆରପିଏଫ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ବେଳେ ତାଙ୍କୁ ସନ୍ଦେହରେ ଅଟକାଇ ଯବାନମାନେ ଯାଞ୍ଚ କରିଥିଲେ। ତାଙ୍କ ନିକଟରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ସେ ଜଣେ ମାଓବାଦୀ ସମର୍ଥକ ବୋଲି ପଚରାଉଚରା ବେଳେ ସ୍ୱୀକାର କରଛନ୍ତି। ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମ ଦେବା ନୁପେ ବୋଲି ଜଣାପଡିଛି।

# ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

କୋରାପୁଟ,୧୯।୭(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକର ଜଲାପୁଟ ଅଞ୍ଚଳରୁ ଆନ୍ଧ୍ରପ୍ରଦେଶକୁ ମଙ୍ଗଳବାର ବଡ଼ି ଭୋରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ଲମତାପୁଟ ପୋଲିସ ଏହାକୁ ଜବତ କରିଛି। ଏହାର ବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ପୋଲିସର ଗୋଇନ୍ଦା ସୂତ୍ରରୁ ଖବର ପାଇ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ଲମତାପୁଟ ପୋଲିସ ସଗର ଗ୍ରାମ ଛକ ନିକଟରେ ଗାଡିମଟରକୁ ତଲାସି କରିଥିଲା। ଏହି ସମୟରେ ଏକ କମାଣ୍ଡର ଜିପ୍ (ଓଆର ୧୦ ଏ- ୪୨୦୦) ଦ୍ରୁତ ଗତିରେ ଜଲାପୁଟ ଆଡୁ ଆସୁଥିବା ଦେଖି ପୋଲିସ ଅଟକାଇଥିଲା। ପୋଲିସକୁ ଦେଖି ଡ୍ରାଇଭର ଗାଡିକୁ ବୁଲାଇ ଲମତାପୁଟ ଅଭିମୁଖେ ଚାଲିଯାଇଥିଲା। ତେବେ ପୋଲିସ କମାଣ୍ଡରର ପିଛା କରିଥିଲା। ଏହାଦେଖି କିଛିବାଟ ଯିବା ପରେ କମାଣ୍ଡର ଡ୍ରାଇଭର ଗାଡି ରଖି ନିକଟସ୍ଥ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ପରେ ପୋଲିସ ଉକ୍ତ ଗାଡି ଯାଞ୍ଚ କରିବାରୁ ୧୦ଟି ବସ୍ତାରେ ଥିବା ୨ କୁଇଣ୍ଟାଲ ୧୫ କେଜି ଗଞ୍ଜେଇ ଜବତ କରିଥିଲା। ଏହି କାରବାରରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି। ଏହାର ଅଧିକ ତଦନ୍ତ ଜାରି ରହିଛି।




ଜବତ ଗଞ୍ଜେଇ।

